# ମହିମା ।

ଶ୍ରୀ ଗଙ୍ଗାଧର ମେହେର

କର୍ତ୍ତୃକ

ପ୍ରଣୀତ

ଓ

ପ୍ରକାଶିତ ।

ବରପାଲି ।

ବାମଣ୍ଡା ମୁଦ୍ରାଯନ୍ତ୍ରରେ ମୁଦ୍ରିତ ।

୧୮୯୭ ଖ୍ରୀଷ୍ଟାବ୍ଦ ।

Digitized by srujanika@gmail.com

# ଉତ୍ସର୍ଗପତ୍ର ।

ସ୍ୱଦେଶ-ହିତୈଷୀ ସୁଯଶଃ ପ୍ରୟାସୀ
ବରପଲ୍ଲୀ ଅଧୀଶ୍ୱର ଶ୍ରୀଯୁକ୍ତ ଲାଲ ନୃପରାଜ
ସିଂହ ଦେବ ମହୋଦୟଙ୍କ
ଉଦାର ଚରଣେଷୁ ।

ସବିନୟ ନିବେଦନମିଦଂ —

ମାନ୍ୟବର ମହୋଦୟ !

ମୁଁ ଅକାଳରୁ ଶ୍ରୀମୁଙ୍କ ଯତ୍ନରେ ଶିକ୍ଷିତ ଏବଂ ଶ୍ରୀମୁଙ୍କ ଅନ୍ନରେ ପାଳିତ, ତହିଁ ଉପରେ ପୁଣି ଶ୍ରୀମୁ ମୋର ପ୍ରତି ଯେ ଅତୁଲ୍ୟ ଦୟା ଓ ପବିତ୍ର ସ୍ନେହ ପ୍ରକାଶ କରିଆନ୍ତି ମୁଁ ତହିଁ ନିମନ୍ତେ ଶ୍ରୀମୁରେ ଅଙ୍ଗୀବନ୍ଧନଋଣୀ। ଆନ୍ତରିକ ଭକ୍ତି ପ୍ରଦର୍ଶନ ବ୍ୟତି-ରେକେ କୃତଜ୍ଞତା ପ୍ରକାଶର ଅନ୍ୟପଥ ମୋତେ ଦିଶୁନାହିଁ। ଅଜି କାଲି ଉତ୍କଳର କବିମାନେ ସର-ସ୍ୱତୀଙ୍କର ବିବିଧ ସୁରଭି କୁସୁମ ପୂର୍ଣ୍ଣ ମନୋହର ମହୋଦ୍ୟାନରୁ ସୁନ୍ଦର ୨ କୁସୁମ ଚୟନକରି ରାଜା ମହାରାଜାମାନଙ୍କୁ ଭକ୍ତି ଉପହାର ଦେଉଅଛନ୍ତି,

Digitized by srujanika@gmail.com

ମୁଁ କବି ନୁହେଁ, କବିତ୍ୱ ମନୋଦ୍ୟାନରେ ମୋର ପ୍ରବେଶ କରିବା କ୍ଷମତା ନାହିଁ। ସୁତରାଂ ଉଦ୍ୟାନର ଭିତରର ଅପରିଚିତ କେତେଗୁଡ଼ିଏ ଗନ୍ଧହୀନ ଅସାର ପ୍ରଫୁଲ୍ଲିତ କୁସୁମ ପତ୍ରପୁଟରେ ଧରି ସମ୍ମୁଖରେ ଉପସ୍ଥିତ ହୋଇ ଅଛି। ଏଥିରେ କୃପାଦୃଷ୍ଟି ପତିତ ହେଲେ କୃତାର୍ଥ ହେବି। ଇତି।

ବରପାଲି
ତା। ୧୬ । ୯ । ୯୭ ମଃ

ଶ୍ରୀଚରଣଙ୍କର ଅନୁଗୃହୀତ
ଭୃତ୍ୟ
ଶ୍ରୀଗଙ୍ଗାଧର ମେହେର

Digitized by srujanika@gmail.com

# ମହିମା ।

ପର ଉପକାର ପୁଣ୍ୟମୟ ବ୍ରତ
ପାଳନ୍ତି ମହତଜନ,
ଉର୍ବୀ, ଦିବାକର ପର ଉପକାରେ
ଦିଅନ୍ତି ଶସ୍ୟ କିରଣ ।
ପର ତାପ ଲଭି ମହତ କରନ୍ତି
ପରକୁ ଆହ୍ଲାଦ ଦାନ,
ସୁଶୀତଳ ଜଳ ଦାନ କରେ ରବି
ରଶ୍ମି ଲଭି ହିମବାନ ୧ ।
ଉଚ୍ଚେ ଥାଇ ମଧ୍ୟ ନମ୍ର ହୋଇଥାନ୍ତି
ସତତ ମହତଜନ,
ତରୁ, ପକ୍ଷୀ, ତାରା ଯେତେ ଊର୍ଦ୍ଧ୍ୱେ ସ୍ଥିତ
ସମସ୍ତେ ନତବଦନ ।
ପରେ ଅପକାର ହେଲେହେଁ ମହତ
କରୁଥାନ୍ତି ଉପକାର,
ଘନ ଗ୍ରାସେ ରବି, ରବି-ରଶ୍ମିବୃନ୍ଦ
ବାଷ୍ପରେ ଘନ ସଞ୍ଚାର ।

---

୧ ହିମାଳୟର ବରଫ, ସୂର୍ଯ୍ୟକିରଣରେ ତରଳ ଶୀତଳ ଜଳ ହୋଇ ବହେ ।

Digitized by srujanika@gmail.com

ବିପଦ-ସାଗରେ ବୁଡନ୍ତ ମନୁଷ
ବିପନ୍ନ ସାହାଯ୍ୟ ପାଇଁ;
ତୃଷାତୁର ପାନ୍ଥ ତୃଷା ଲାଗେ ପାନ୍ଥ-
ତରୁ ୧ ମରୁଭୂମେ ଥାଇ ।
ଅନ୍ୟର ଉନ୍ନତି ଦର୍ଶନେ ମନୁଷ
ହୃଦ ସ୍ୱତଃ ପ୍ରଫୁଲ୍ଲିତ,
ଜନ ବୃଦ୍ଧି ଦେଖି ଜନକଭଗିନୀ
କମଳିନୀ ବିକଶିତ ୨ ।
ଉପକାରକର ପ୍ରତି-ଉପକାର
ସାଧନେ ମନୁଷ ବ୍ୟସ୍ତ ,
ଘନଜଳେ ପୂର୍ଣ୍ଣ ଜଳାଶୟ, ବାସ୍ପ
ପ୍ରତିଦାନେ ଚରିବ୍ୟସ୍ତ ।
ଜଗତର ହିତ କାର୍ଯ୍ୟରେ ମନୁଷ
ଦେଇପାରନ୍ତି ଜୀବନ ,

---

୧ ପାନ୍ଥପାଦପ — କଦଳୀଗଛ ପରି ଏକପ୍ରକାର ଗଛ ମରୁଭୂମିରେ ଜନ୍ମେ । ଏହାର କାଣ୍ଡରେ ବିଶେଷ ପରିମାଣରେ ଜଳଥାଏ ।

୨ ବସନ୍ତରେ ଜନର ବୃଦ୍ଧିହୁଏ, ସେହିସମୟରେ ଚେ- ନବ ବିକଶିତ ହୁଏ ।

Digitized by srujanika@gmail.com

ଅବନୀ ଉତ୍କଳ   ବକ୍ଷେ ଚନ୍ଦ୍ରଦୀପ ୧
ଦହ୍ର ଲକ୍ଷ ଅପଘନ ।
ମହଲ ଲକ୍ଷଠେ   ମହାଦ୍ରବ୍ୟ ଥାଏ
ଉଭରେ ଦ୍ରବ୍ୟ ଉଭର,
ହୁମାଟଲେ ମିଳେ   ଶ୍ୱେତ ଗଜଗୃଜ
ବାରପାହାଡେ * ଗୁହ୍ବର ।
ମହର ଅଗସ୍ତ୍ୟ   ମହଜ ରହୁଲେ
ନହୁଏ ମହତ୍ତ୍ୱ ହାନ,
ମହାରଣ୍ୟ ଜନା   ଅଗସ୍ତ୍ୟ ନ ଜାଏ
ମୃଗଗୃଜ ଘାହା ଜାଣେ ।
ଜହଭ ପ୍ରସାଦେ   ଯୁଦ୍ର ହୁଏ ବଡ
ପ୍ରକୃଭ ସିଦ୍ଧ ବିଧାନ,
ଜଳବସ୍ତୁ ବଳେ   ଅଭ୍ରଜଣ୍ଡ ଦେଶ
ବକ୍ଷେ କେତେ କ୍ଷେତ୍ରସ୍ଥାନ ।
ମହର ପ୍ରତାପ   ଲଭ଼ ଜାଚହୁଏ
ମହରୁ ପ୍ରତାପଶାଳୀ,
ସୂର୍ଯ୍ୟ-କରୁଁ ବଳ   କେତେ ଲାପଦିଏ
ସୂର୍ଯ୍ୟକର ତପ୍ତ ବାଲି ।

---

୧ ଖଡସବାଳୀ ବଣେଶ ।

* ଜମ୍ବଲପୁର  ଜଲର ପ୍ରଧାନ ଶହର ।

Digitized by srujanika@gmail.com

ମହତ ଜନ୍ମର ସ୍ଥାନଗର୍ବେ ଏହା
ହବେ ନୁହେ ଅସମ୍ଭବ ,
ପଙ୍କରୁ କମଳ ଶୁକ୍ତିରୁ ମୌକ୍ତିକ
ହୁଅଇ ସଦା ସମ୍ଭବ ।
ବିପଦ ସମୟେ ମହତ ଜନର
ଧଇର୍ଯ୍ୟ ନ ହୁଏ ଭଙ୍ଗ ,
ଦାହେ ପ୍ରଜାରଣେ ଶୁଦ୍ଧ ଜମ୍ବୁନଦ
ଯେ ରଙ୍ଗକୁ ସେହିରଙ୍ଗ ।
ଅନନ୍ଦେ ବିଷାଦେ ସମଭାବେ ଥାନ୍ତି
ମହତ ସ୍ୱଭାବ ଧରୁ ;
ପୂର୍ଣ୍ଣିମାରେ ଯଥା ନାଚଇ ସାଗର
ଅମାବାସ୍ୟାରେ ସେପରି ।
ନପାରଇ କରି କୁସଙ୍ଗ ମହତ
ସ୍ୱଭାବ ପରିବର୍ତ୍ତନ ,
ଥିଲେହେଁ କଣ୍ଟକ — କାନନେ ସୁପୁଷ୍ପ
କରେ ବାସ ବିତରଣ
କୁସ୍ଥାନ ବାସରେ ମହତ ଜନର
ସଦ୍‌ଗୁଣ ନହୁଏ ନାଶ ,
ଶ୍ମଶାନ ଭୂମିରେ ଜନ୍ମିଲେ ତୁଳସୀ
ହୁଅଇକି ହୀନବାସ ,

Digitized by srujanika@gmail.com

ଜୁଗନୁଲେଖାଏ ହେଲେଁହେ ଜଳଲେ
ରଷ୍ଣ ନପାରେ ଭୁଜନ ,
କାଦମ୍ବିନୀ ଗର୍ଜେ ଜନମି ଭୂଜଣ
ନୀଚକୁ କରେ ଗମନ ,
କଚଲିଲ କର ନପାରେ ମହତ
ମନ, ଦୁଷ୍ଟ କୁବଚନ ,
ବ୍ୟାଧ କଷମୃଗ ଶରେ କସଦୋଇ
ପାରେ ଫେଲ ଅପଧନ ,

ମୂଢ ଜନମାନେ ବୁଝି ନପାରନ୍ତି
ମହତ ବଚନ ମୂଲ୍ୟ ,
ସୂର୍ଯ୍ୟ ସମ ଜାଗ୍ ଗଣଙ୍କୁ ମଣନ୍ତି
ସାଧାରଣ ଦୀପତୁଲ୍ୟ ,
ମହତ ଚରଣେ ମିଥ୍ୟା ଦୋଷାରୋପ
ମାତଳାର ପରିଚୟ ,
ଛନ୍ଦ ବନ୍ଧୁ ଦୋଇ ଚପାରେ ମହତ
ମନ୍ଦମାର ଅପରିଚୟ ,

ଅକ୍ଷୟ ଚନ୍ଦ୍ରଙ୍କୁ କ୍ଷୟ ଜ୍ଞାନ କଲେ
କ୍ଷୀଣ କଷ ଚନ୍ଦ୍ରବିମ୍ବ ,
ଦୋଷ ସିନା ତାହା ନଜର ଅଜ୍ଞାନି

Digitized by srujanika@gmail.com

ଚମତ୍କାର ନୟନର ,
ଲେଚନେଚେ ଅସ୍ତ  ହେଣନ୍ତ ମଦନ
ଅସ୍ତ କାହିଁ ତାହାଙ୍କର ?
ଅନ୍ଧେରକା ଗଣ୍ଡେ  ନବୋଦିତ ଅମ୍ବୁ
ଅସ୍ତଗତ ଦିନକର ,
ମହତ ଯଶରେ  ଈର୍ଷ୍ୟାଦଲେ ଜନ
ହୃଦଦାହ ନାଶ ସାର ,
ରଦକି ଯେବେଶେ  କଠୋରଦୃଷ୍ଟିରେ
ଚକ୍ଷୁଭେଜ ନାଶେଶାର ,
ଅନନ୍ତ ମନରେ  ଭୁଲଇ ସୁଜନ
ମହତ ସୁଯଶଗାଇ ,
ଚନ୍ଦନ ସୌରଭ  ବାଣ୍ଟଇ ମଳୟ
ସମୀରଣ ଧୀରବାହ ,
ମଦନ ଅନ୍ତ୍ରାଦ  ଦଅନ୍ତି ଚହ୍ନିରେ
ଦୁର୍ଜନ କରଇ କଳ ,
ରୂପର ଉଜ୍ଜ୍ୱଳ  କଣ୍ଠେ ସଲିଳ
ଦେଲେ ଯଥା ଉଠେ ଜଳ ,
ମହତର ସ୍ତୁତ  ମଧୁପୂର୍ଣ୍ଣ, ସୁଖେ
କଣ୍ଠୁ ଖୋଲ ନାରସ୍ୱଗୀ ,

Digitized by srujanika@gmail.com

ମର୍ତ୍ତ୍ୟପୃଷ୍ଠ ମଧ୍ୟ ତଳି    ଅହୋ ! ବୁଲେ
ଅଗ୍ନି ସ୍ଫୁରେ ଜଳୁ ମୃଗୀ ,
ପରଦୁଃଖ ଦେଖି,    ମହତ ହୃଦୟ
ଅଧିକେ ହୁଏ ଦୁଃଖିତ ,
ମେଘନାଦେ ଯଥା    ମହାଶୈଳଗୋଳ
ଅଧିକେ ପ୍ରତିଧ୍ୱନିତ ।
ମହାସଂକଟକୁ    ମନେ ନ ଗଣନ୍ତି
ମହତ ଅଗ୍ନିତ ଜନ ;
ମହୋଦଧି ଗର୍ଭେ    ବିଚରଇ ପୋତ
ଅଗ୍ରାହ୍ୟ କରି ପବନ !
ପର-ଉପକାର-    ସାଧନ ମୂଳକ
ମହତ ଅଗ୍ରାହ୍ୟ ସାର ,
ବାତାଗ୍ନିର ପୋତ    କେତେ ଜନ ଦ୍ରବ୍ୟ
ସାଗର କରଇ ପାର ।
ଜଗତ ହୁଅଇ    ମହତ କର୍ମ୍ମର
ଶୁଭମୟ ଫଳଭାଗୀ ,
ମହତ କୌଶଳେ    ଦାସୀ କାର୍ଯ୍ୟକରେ
୧ ବିଦ୍ୟୁତ ଜଗତ ଲାଗି ।

---

୧ ବିଜୁଳି— ତାରରେ ସମ୍ବାଦ ଥରେ , ବାଷ୍ପରେ ଆଲୋକ ଦିଏ , ଏବଂ ଚଳାଏ , ଇତ୍ୟାଦି ।

ବ୍ୟୋମ ସଞ୍ଚରଣ—    ଶୀଘ୍ର ଚଳନ୍ତ ୧
ସାରଥୀ ଧରଣୀତଳେ ,
ଅଶ୍ୱ ବିନା ରଥ    ବାହେ ବାୟୁବେଗେ
ମନୁଜ କର୍ମ୍ମ କୌଶଳେ ।
ବିନୟ ସୂଚଇ    ମହତ, ପ୍ରଭାତ
ସୂଚେ ସୂର୍ଯ୍ୟ ଆଗମନ ,
ବସନ୍ତ ସମୟ—    ସୂଚକ କୋମଳ
ମଧୁର କୋକିଳ ସ୍ୱନ ।
ନୀଚ ପ୍ରଶଂସାରୁ    ମହତ ଭର୍ତ୍ସନା
ଶତଗୁଣେ ଶ୍ରେୟସ୍କର ,
କୁକ୍କୁଟ ମୁକୁଟେ    କି କାର୍ଯ୍ୟ ? ମୟୂର
ପୁଚ୍ଛରେ ସିନା ଆଦର ।
ଉତ୍କଳୀଁ ପର    କାଳରେ ଅଧିକ
ଯଶଃ ଖ୍ୟାତି ମହତର
ନଷ୍ଟ କୁସୁମର    ବାସ ହୋଇଥାଏ
ଅନ୍ତରେ ଅଧିକ ତର ।
ସାହସ କଳସ—    ତରୁ ଜାତକରେ
ମନୁଜ ହୃଦୟ ସ୍ୱର୍ଗ ।

---

୧ ବାଷ୍ପିଇଲରେ ରେଲ ଚଢ଼ନା କଥା ବାହାରିବ ଅବ-
ଧରନାହିଁ ।

Digitized by srujanika@gmail.com

ସେ ପାଦପେ ଫଳେ    ସୁଧାମୟ ଫଳ
ଭୁଞ୍ଜନ୍ତି ମାନବବର୍ଗ ।
ଅନ୍ୟ ଜୀବଙ୍କୁ    ମରଣଭୟକୁ
ସାହସ କରିଛି ଜୟ ;
ଏକା ସାହସର    ଭୃତ୍ୟଭାବେ ଥାନ୍ତି
ଗୃହଲକ୍ଷ୍ମୀ ସମ୍ପଦ ଚୟ ।
ଅସାଧ୍ୟ ସାଧଇ    ଅଲଭ୍ୟ ଲଭଇ
ମାନବ କରି ସାହସ ,
ସାହସ ପ୍ରସାଦେ    ଆବିଷ୍କାର କଲେ
ଆମେରିକା କଲମ୍ବସ ।
ଅନନ୍ତ ମାର୍ଗରେ    ବିଚରଇ ନର
ସାହସର କରଧରି ,
ଦୁଃଖ ଉହାଡରୁ    ସୁଖମହାଚଳୁ
ସାହସ ପାରେ ଉଦ୍ଧରି ।
ଭାରତ-ନିଦ୍ଧବ    ହିମାଦ୍ରି ଶିଖରେ
ତୋଳିଛି ମାନବ ବାସ,
ଅସ୍ପୃଶ ନଗରେ ( ୧ )  ନର ନରପତି

---

୧ ଯେଉଁ ଲାସାରେ ଅଦ୍ୟାପି ଅସ୍ପୃଶ ଥିବାର ଲୋକଙ୍କର ବିଶ୍ୱାସ , ସେଠାରେ ନରର ପ୍ରଥମ ପ୍ରବେଶ ଅବଶ୍ୟ ସାହସ-

ସାହସେ କର ବିଶ୍ୱାସ ।
ଯତନରେ ଅବର    ନାହିଁ ମହତର
ଯଶ ଆପେ ଫୁଟିଯାଏ,
ଲୋଭାବନା ଦେଖ    ଯତ୍ନଗୃହ ଶିଖେ
ମୁକ୍ତା ସ୍ୱତଃ ହୋଇଥାଏ ।
ମହତ ପ୍ରତିଭା—    କ୍ଷେତ୍ରନାଳ ଯଶ
ଉଚ୍ଚେ ହୁଏ ପ୍ରକାଶିତ ,
ସତେ ଘନଲଭା    ସ୍ୱର୍ଗେ ଘନଘୋଷ
ହୁଏ ଯଥା ଉଦ୍‌ଘୋଷିତ ।
ମହତ ମନ୍ଦିରେ    ପଦ୍ମାଳୟା ଅଛି
ଚଳସନ୍ତ ଚନାଦରେ, *
ହଏ ଓଲହଥାଏ    ବାସ୍ତବ ଧନକୁ
ଖେଳିବାକୁ ପ୍ରପାତରେ ?
ବସନ ଭୂଷଣ    ଅଡ଼ମ୍ବର ସେଠ
ମହତ ନ ହୁଏ ଜନ ;
ଦଢ଼ଧ ଭଙ୍ଗରେ    ରଞ୍ଜିତ କାଚକ
ହୁଏ ସ୍ୱରବ-ଭଜନ ?
ମହତ ଏକାସେ    ଯେ ନର ସୁଙ୍ଗର

---

* ଶବର ବ୍ୟଞ୍ଜରେବେ ।

ପ୍ରକୃତ ଧର୍ମେ ପଣ୍ଡିତ ;
ଈଶ୍ୱର-ପୀରତ— ସାଧକ ଯତନ
ଧରମ-ଭବନେ ମଣ୍ଡିତ ।
ଧର୍ମ ମହାତରୁ ପକ୍ଷରେ ମାନବ
ହୃଦୟ-କ୍ଷେତ୍ର ଉର୍ବର ;
ସୁଶିକ୍ଷା ଲଙ୍ଗଳେ କୃଷି ଧର୍ମ-ବୀଜ
ତହିଁରେ ରୋପଣ କର ।
ଅବଶ୍ୟକ ତହିଁ ସଦାଚାର ଜଳ
ସତସଙ୍ଗ ଅଲ-ବାଲ ;
ବାହାରଇ ଶାଖା ବିନୟ କରୁଣା
ସୌଜନ୍ୟ ସତ୍କର୍ମ ଡ଼ାଲ †
ଈଶ୍ୱର ଭକତି, ପର ଉପକାର
ପଲ୍ଲବେ ହୁଏ ସୁନ୍ଦର ,
ଫୁଟଇ ଯତନ ଶୁଭ୍ର ଭବ୍ୟ ଫୁଲ
ତାବାସ ଅବିନଶ୍ୱର ।
ସୌରଭ ଲୋଭରେ ଜଗତ ଈଶ୍ୱର
ଚୁମ୍ବନ୍ତି ହୋଇ ଭ୍ରମର ;
ଫଳଇ ଅମୃତ- ପୂର୍ଣ୍ଣ ଯଶ ଫଳ

† ଡାଳ — ପ୍ରଶାଖା ଅର୍ଥରେ ପ୍ରଯୁକ୍ତ ।

Digitized by srujanika@gmail.com

ରକ୍ଷଣେ ନର ପମର ।

ମହଣ୍ଡଳୁ ଏକା     ମହତ ଉଦ୍ଧର

ଇତର ଭକ୍ତଁଙ୍କ ପଙ୍କ ;

ସୂର୍ଯ୍ୟୋଦୟ ଦେଖି     ପ୍ରଫୁଲ୍ଲ ହସଇ

ଉତ୍ପଳର ଦୃଷ୍ଟି ବନ୍ଧ ।

---

ସମାପ୍ତ ।

Digitized by srujanika@gmail.com